
ଧରାକୋଟ


ବୁଗୁଡ଼ା


ସୋରଡ଼ା

# ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା


ଜି.ଉଦୟଗିରି

**ଆସିକା,୧୨।୭(ଡି.ଏନ୍.ଏ.)**

ବିଭିନ୍ନ ସ୍ଥାନରେ ଶୁକ୍ରବାର ବାହୁଡା ଯାତ୍ରା ଓ ଏକାଦଶୀ ନୀତି ସମ୍ପନ୍ନ ହୋଇଯାଇଛି। ଆସିକା ଲାଲା ଗୋର୍ଜିସ୍ଥିତ ଆଡପ ମଣ୍ଡପରୁ ଠାକୁରଙ୍କୁ ସକାଳ ୮ଟାରେ ପହଣ୍ଡିରେ ଆଣି ରଥାରୁଢ କରାଯିବା ପରେ ରଥାଟଣା ଯାଇଥିଲା । ପୂର୍ବ ରିତି ମୁତାବକ ବାହୁଡା ରଥ ଓଡିଆସାହି ଠାରେ ଅଟକି ଥିଲା । ସେଠାରେ ବଡ ଏକାଦଶୀ ନୀତି କରାଯାଇଥିଲା । ଶନିବାର ଅପରାହ୍ନରେ ରଥ ବାଲାଜୀ ମନ୍ଦିର ପର୍ଯ୍ୟନ୍ତ ଯିବ । ରବିବାର ଅପରାହ୍ନରେ ସେଠାରୁ ରଥଟଣା ଯାଇ ସୁନାମ୍ଭ ସାହିସ୍ଥିତ ରଥଖଳାରେ ପହଞ୍ଚିବ । ପରେ ଠାକୁରଙ୍କୁ ପହଣ୍ଡିରେ ମନ୍ଦିରକୁ ବିଜେ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପରିଚାଳକ ନାରାୟଣ ମୁନି ସୂଚନା ଦେଇଛନ୍ତି।

**ପାତ୍ରପୁର:** ପାତ୍ରପୁର ବ୍ଲକ ଜରଡ଼ାଗଡ଼ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟାରେ ଜଗନ୍ନାଥ ପରେ ପାର୍ଥ ସାରଥୀଙ୍କୁ ପହଣ୍ଡି କରି ରଥାରୁଢ଼ କରାଯାଇଥିଲା । ରାଜା ଦୀପକ ଚନ୍ଦ୍ର ଦେଓ ଛେରାପହଁରା କରିବା ପରେ ରଥଟଣା ହୋଇଥିଲା ।

**ଶେରଗଡ:** ଶେରଗଡରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆଡପ ମଣ୍ଡପରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥିଲେ। ବଡପଣ୍ଡା ଜିଲାପାଳଙ୍କୁ ଚନ୍ଦନ ଲାଗି କରିବାପରେ ରଥଯାତ୍ରା କମିଟି ପକ୍ଷରୁ ଉପଢୌକନ ପ୍ରଦାନ କରାଯାଇଥିଲା। ପରେ ରଥ ଟଣାଯାଇ ବଜାର ଛକରେ ପହଞ୍ଚିଥିଲା। ସେଠାରେ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ରାଜା ପୂର୍ଣ୍ଣଚନ୍ଦ୍ର ସିଂଦେଓ ଓ ପ୍ରଶ୍ନ କୁମାର ସିଂଦେଓ ଦୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ।

**ଖଲ୍ଲିକୋଟ:** ବାହୁଡ଼ା ଯାତ୍ରା ଓ ହରିଶୟନ ବଡ଼ ଏକାଦଶୀ ଗୋଟିଏ ଦିନରେ ପଡ଼ିଥିବାରୁ ପ୍ରଭାତରୁ ନୀତିକାନ୍ତି ପରେ ବଡ଼ ଏକାଦଶୀ ପୂଜା ହୋଇଥିଲା । ଅପରାହ୍ନରେ ତିନି ଠାକୁରଙ୍କୁ ପହଣ୍ଡିରେ ନେଇ ରଥାରୁଢ କରାଯିବା ପରେ ଖଲ୍ଲିକୋଟ ରାଜ ପ୍ରତିନିଧି ପଣ୍ଡିତ ସୁରେନ୍ଦ୍ର ଆଚାର୍ଯ୍ୟ ଛେରା ପହଁରା କରିଥିଲେ । ଖଲ୍ଲିକୋଟ ମନ୍ଦିର ସମୂହ ପରିଚାଳକ ତଥା ତହସିଲଦାର ଚିତ୍ତରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳିତ ହୋଇଥିଲା ।

**ବୁଗୁଡ଼ା:** ବୁଗୁଡ଼ାରେ ମାଉସୀ ମାଆ ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୁଢ଼ କରାଯାଇଥିଲା । ମହନ୍ତ ଭକ୍ତରାମ ଦାଶ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ବଡ଼ଦାଣ୍ଡର ଅଧାରେ ରଥ ଅଟକିବାପରେ ତିନି ଠାକୁରଙ୍କୁ ନାଗାର୍ଜୁନ ବେଶ ହୋଇଥିଲା ।

**ଧରାକୋଟ:** ଧରାକୋଟଗଡ଼ରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ରଥକୁ ଅଣାଯାଇଥିଲା । ରାଜା ସୁଲକ୍ଷଣା ଗୀତାଞ୍ଜଳୀ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ରଥକୁ ଆସିବା ପରେ ରଥ ଟଣାଯାଇଥିଲା । ନିୟମ ଅନୁଯାୟୀ ମାଉସୀ ମା’ ମନ୍ଦିର ଠାରୁ ଅଳ୍ପ ଦୂରରେ ରଥ ଅଟକି ରହିଛି । ଶନିବାର ପୁଣି ରଥଟଣା ଯିବ । ଏଠାରେ ମହିଳା ରାଜା ଦେବନୀତି ସମ୍ପନ୍ନ କରିବା ଅନନ୍ୟ ପରମ୍ପରା ।

**କନିଷି:** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟାରେ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଅଧିଷ୍ଠିତ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମହାପ୍ରଭୁଙ୍କୁ ବାହୁଡ଼ା ପହଣ୍ଡି, ଛେରା ପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା ।

**ଚିକିଟି:** ଚିକିଟି ବ୍ଲକ୍ ଚିକିଟିଗଡ, ନୂଆପଡା ଏବଂ ଆଖପାଖ ଗ୍ରାମାଞ୍ଚଳରେ ବାହୁଡା ଯାତ୍ରା ଶେଷ ହୋଇଛି । ନୂଆପଡାରେ ଜଗନ୍ନାଥ ଜନ୍ମବେଦୀକୁ ଫେରିବା ବାଟରେ ନୂଆପଡା ବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଅଟକି ରହିଛନ୍ତି । ଶୁକ୍ରବାର ଏକାଦଶୀ ବ୍ରତ ପାଳନ ପରେ ଶନିବାର ଅପରାହ୍ନରେ ରଥଟଣା ଯାଇ ମହାପ୍ରଭୂଙ୍କୁ ଜନ୍ମବେଦୀକୁ ଅଣାଯିବ ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁରେ ବାହୁଡ଼ା ଯାତ୍ରା ଓ ହରି ଶୟନ ବଡ଼ ଏକାଦଶୀ ପାଳିତ ହୋଇଯାଇଛି । ପୂର୍ବାହ୍ନରୁ ଜନ୍ମବେଦିରୁ ନିଜସ୍ୱ ମନ୍ଦିରକୁ ଫେରିବା ପାଇଁ ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ହୋଇଥିଲା । କାଟୁ ରାଜବାଟୀ ମନ୍ଦିର ବାହୁଡ଼ା ଯାତ୍ରାରେ ଦଧିବାମନ ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା । କାଟୁ ରାଜା ଲଲାଟେନ୍ଦୁ ଦେଓ ଛେରା ପହଁରା କରିଥିଲେ । ସେହିପରି ବଇଁଚବଣିଆ ଜଗନ୍ନାଥ ମନ୍ଦିର ହାଟପଦା ମାଉସୀ ମା’ମନ୍ଦିରରେ ଲିଙ୍ଗରାଜ ସାହୁ ଛେରା ପହଁରା କରିଥିଲେ ।

**ସୋରଡା:** ସୋରଡା ବାହୁଡା ଯାତ୍ରାରେ ରାଜା ଡ. ଦେବଦତ୍ତ ସିଂଦେଓଙ୍କୁ ରଥପଦାଠାରୁ କୀର୍ତ୍ତନ ମଣ୍ଡଳୀ ଗହଣରେ ଆଡପ ମଣ୍ଡପ ନିକଟକୁ ଅଣାଯାଇଥିଲା । ସେଠାରେ ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା । ଥାନା ଅଧିକାରୀ ପ୍ରଭାତ ସାହୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

**ଚନ୍ଦ୍ରଗିରି:** ଚନ୍ଦ୍ରଗିରିରେ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି । ଗୁଣ୍ଡିଚା ମଣ୍ଡପରେ ବହୁ ମହିଳାମାନେ ଏକାଦଶୀ ପୂଜା କରିଥିଲେ । ସକାଳ ୮ଟାରେ ମଙ୍ଗଳ ଆଳତି କରାଯାଇ ଚନ୍ଦ୍ରଗିରି ଗୋପାଳ ସମାଜ ସହଯୋଗରେ ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇଥିଲା । ପରେ ଛେରାପହଁରା କରାଯାଇ ରଥ ଟଣାଯାଇଥିଲା ।

**ଜି.ଉଦୟଗିରି:** ଜି.ଉଦୟଗିରିରେ ଅପରାହ୍ନରେ ଠାକୁରମାନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଇଥିଲା । ମନ୍ଦିର କମିଟି ଉପଦେଷ୍ଟା କେ. ରାମା ରାଓ ପାତ୍ର ଛେରା ପହଁରା କରିବାପରେ ରଥ ଟଣା ଆରମ୍ଭ ହୋଇଥିଲା । ମନ୍ଦିର କମିଟି ସଭାପତି ବିନୋଦ ବିହାରୀ ଦାଶ, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର ଙ୍କ ସମେତ ସମସ୍ତ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବାଲିଗୁଡା:** ବାଲିଗୁଡା ବାହୁଡା ଯାତ୍ରାରେ ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ସନ୍ଧ୍ୟାସୁଦ୍ଧା ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା । ମନ୍ଦିର ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ମଧୁସୁଦନ ଦାସ, ରଞ୍ଜିତ କୁମାର ମହାନ୍ତି, ଅଭିମନ୍ୟୁ ପଣ୍ଡା, ରାମଚନ୍ଦ୍ର ଡାକୁଆ, କୌଶିକ ସାହୁଙ୍କ ସହଯୋଗରେ ବାହୁଡା ଯାତ୍ରା ଶେଷ ହୋଇଥିଲା ।

**ଶଙ୍କରାଖୋଲ:** ଚକାପାଦ ଓ ଟିକାବାଲି ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚକାପାଦର ଲାଇନଗଡା, ପସରା, ଚକାପାଦ, ବ୍ରାହ୍ମଣପାଦ ଠାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଟିକାବାଲିରେ ଅପରାହ୍ନରେ ଛେରାପହଁରା କରାଯାଇ ରଥଟଣା ଆରମ୍ଭ ହୋଇଥିଲା ।

**ରାଇକିଆ:** ରାଇକିଆରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ସମସ୍ତ ନୀତି କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ପରେ ତିନିଠାକୁରଙ୍କ ପହଣ୍ଡି କରାଯାଇ ରଥାରୁଢ ପରେ ୪ଟାରେ ଛେରା ପହଁରା କରି ରଥ ଟଣାଯାଇଥିଲା ।

## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା ଅଭିଯୋଗ

**ହିଞ୍ଜିଳିକାଟୁ, ୧୨।୭(ଡ଼ି.ଏନ୍.ଏ): ହିଞ୍ଜିଳି** ଥାନା ଦୟାପଲ୍ଲୀ ଗ୍ରାମରେ ଶୁକ୍ରବାର ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଦୀପା ମହାରଣା (୨୦)। ମୃତକଙ୍କ ଭାଇ ସନ୍ତୋଷଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୭୧/୧୯ରେ ହତ୍ୟା ମାମଲା ରୁଜୁ କରି ଦୀପାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ବ୍ରହ୍ମପୁର ନିକଟ ଭାବିନୀପୁରର ସୁରେନ୍ଦ୍ର ମହାରଣାଙ୍କ ଝିଅ ଦୀପା ହିଞ୍ଜିଳି ଥାନା ଦୟାପଲ୍ଲୀର ଜଣେ ଯୁବକଙ୍କୁ ଗତ ବର୍ଷ ବିବାହ କରିଥିଲେ। ଶାଶୁଘର ଲୋକେ କୌଣସି ଏକ କାରଣକୁ ନେଇ ବିଭିନ୍ନ ସମୟରେ ଦୀପାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଗୁରୁବାର ରାତିରେ ଦୀପାଙ୍କୁ ଶାଶୁ ଘର ଲୋକେ ହତ୍ୟା କରିଥିବା ନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଦୀପାଙ୍କ ଝୁଲିଥିବା ମୃତଦେହ ଶଶୁର ଘରୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଅନ୍ୟ ପକ୍ଷରେ ଦୀପା ଆତ୍ମହତ୍ୟା କରିଥିବା ଶଶୁର ଘର ଲୋକେ ପୋଲିସକୁ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

### ୩ ଜୁଆଡି ଗିରଫ

**ଆର.ଉଦୟଗିରି,୧୨।୭(ଡି.ଏନ.ଏ.):** ଆର.ଉଦୟଗିରି ଥାନା ଛେଲିଗଡ଼ ହାଇସ୍କୁଲ ନିକଟରେ ଏକ ଜୁଆଆଡ୍ଡାରେ ଚଢ଼ାଉ କରି ପୋଲିସ ଶୁକ୍ରବାର ଅପରାହ୍ନରେ ୩ଜଣଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୨ ହଜାର ୨୦୦ ଟଙ୍କା, ୨ ମୋବାଇଲ ଫୋନ ଓ ୨ଟି ଗାଡ଼ି ଜବତ ହୋଇଛି। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୭୫/୧୯ରେ ମାମଲା ରୁଜୁ ହୋଇଛି।

### ହନୁମାନ ବିଗ୍ରହ ପ୍ରତିଷ୍ଠା

**ପାତ୍ରପୁର,୧୨।୭(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ତିନି ଦିନ ବ୍ୟାପି ହୋଇଥିବା ପ୍ରତିଷ୍ଠା ଉତ୍ସବରେ ଅଙ୍କୁରାରୋପଣ, ରତ୍ନମୃଦ ପ୍ରତିଷ୍ଠା, ଦେବତା ପ୍ରବେଶ, ଘୃତଯଜ୍ଞ ଅନ୍ନଯଜ୍ଞ ହୋଇଯାଇଛି। ପଣ୍ଡିତ ବାବୁଲା ପାଢ଼ୀ, ଅବନୀ ପାଢ଼ୀ ଓ ରାମାନୁଜ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପଦ୍ମ ଚରଣ ନାୟକ ଓ ବିଷ୍ଣୁପ୍ରିୟା ନାୟକ କର୍ତ୍ତା ହୋଇଛନ୍ତି।

## ବ୍ରହ୍ମପୁରରେ ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ

# ନିରାଶରେ ଫେରିଲେ ବହୁ ଅଭିଯୋଗକାରୀ

**ବ୍ରହ୍ମପୁର ଅଫିସ୍,୧୨।୭**


ଶିବିର ଅଦାଲତରେ ମହିଳା ଆୟୋଗ ସଦସ୍ୟାମାନେ ମାମଲାର ଶୁଣାଣି କରୁଛନ୍ତି ।

- ଅପରପକ୍ଷଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ
- ସ୍ତ୍ରୀ,ସ୍ୱାମୀ ଝଗଡ଼ା ମାମଲା ସର୍ବାଧିକ

ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ(କ୍ୟାମ୍ପ କୋର୍ଟ) ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ମୋଟ ୬୫ ମାମଲାର ଶୁଣାଣି ପାଇଁ ଲକ୍ଷ୍ୟ ରଖାଯାଇଥିଲା । ସେଥିରୁ ୩୯ ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନେ ପହଞ୍ଚିଥିଲେ । ମାତ୍ର ୭ମାମଲାର ଉଭୟ ପକ୍ଷ ଉପସ୍ଥିତ ଥିଲେ। ବଳକା ମାମଲାରେ ଅପରପକ୍ଷ ଅନୁପସ୍ଥିତ ଥିବା ଯୋଗୁ କୌଣସିଟି ଫଇସଲା ହୋଇପାରି ନ ଥିଲା । ୬ ମାମଲାର କେବଳ ଅପର ପକ୍ଷ ହିଁ ଉପସ୍ଥିତ ଥିଲେ, କିନ୍ତୁ ଏତଲାକାରୀଙ୍କ ପକ୍ଷରୁ କେହି ନ ଥିଲେ । ତେବେ ବହୁ ସଂଖ୍ୟକ ମାମଲାର ଅପରପକ୍ଷ ଅନୁପସ୍ଥିତି ଥିବା ନେଇ ମହିଳା ଆୟୋଗ ସଦସ୍ୟାମାନେ ଉଦ୍‌ବେଗ ଏବଂ ଅସନ୍ତୋଷ ପ୍ରକାଶ କରିଥିଲେ। ୪ ମାମଲାର ଆପୋସ ସମାଧାନ ହୋଇଥିବା ବେଳେ ଗୋଟିଏ ମାମଲାର ତଦନ୍ତ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିଭଳି ୨ଟି ମାମଲା ସୁରକ୍ଷା ଅଧିକାରୀଙ୍କ ପାଖକୁ ତଦନ୍ତ ପାଇଁ ପଠାଇ ଦିଆଯାଇଥିବା ବେଳେ ୩ ମାମଲାକୁ ଜିଲା ଆଇନ୍ ସେବା ପ୍ରାଧିକରଣଙ୍କ ପାଖକୁ ପଠାଇ ଦିଆଯାଇଛି । ୨୮ ମାମଲାର ଶୁଣାଣି ପୁଣି ଥରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉଭୟ ପକ୍ଷର ଅସହଯୋଗ ଯୋଗୁ ଗୋଟିଏ ମାମଲାର ଫଇସଲା ହୋଇପାରି ନ ଥିଲା ।

ମହିଳା ଆୟୋଗର ସଦସ୍ୟା କୁସୁମ ରଥ ଏବଂ ସ୍ନେହାଞ୍ଜଳି ମହାନ୍ତି, ଡିଏସ୍‌ପି ବିଜୟା ବରୁଆ, ଆଇନ୍ ସହାୟତକାରୀ ଅରବିନ୍ଦ ପଟ୍ଟନାୟକ, ଉମାକାନ୍ତ ସାହୁ ଏବଂ ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ, ଅତିରିକ୍ତ ଏସ୍‌ପି ମୟାଧର ସେଠୀ, ଡିଏସ୍‌ପି କେ.କେ. ପଟ୍ଟନାୟକ, ମହିଳା ସୁରକ୍ଷା ଅଧିକାରୀ ଆର୍.ଜ୍ଞାନେଶ୍ୱରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ମାମଲାଗୁଡ଼ିକ ମଧ୍ୟରେ ସର୍ବାଧିକ ମାମଲା ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ଜନିତ ଥିଲା । ଯେଉଁ ମାମଲାରେ ଉଭୟ ପକ୍ଷ ଉପସ୍ଥିତ ଥିଲେ, ସେହି ମାମଲାଗୁଡ଼ିକୁ ଯଥା ସମ୍ଭବ ଆପୋସ ସମାଧାନ ପାଇଁ ସଦସ୍ୟାମାନେ ଗୁରୁତ୍ୱ ଦେଇଥିଲେ । ହେଲେ ମହିଳାଙ୍କ ପରିବାର ବର୍ଗମାନେ ସେଥିରେ ରାଜି ହୋଇ ନ ଥିବା ଦେଖିବାକୁ ମିଳିଥିଲା । ଫଳରେ ମାମଲାଗୁଡ଼ିକର କୌଣସି ନିଷ୍କର୍ଷ ବାହାରି ପାରି ନଥିଲା । ଅନ୍ୟପଟେ ଶିବିର ଅଦାଲତ ଆୟୋଜନକୁ ନେଇ ମଧ୍ୟ ସଦସ୍ୟାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଗତ ୬ବର୍ଷ ଭିତରେ ଏମିତି ଅବ୍ୟବସ୍ଥା କେବେ ହୋଇନାହିଁ ବୋଲି ସଦସ୍ୟାମାନେ ଗଣମାଧ୍ୟମକୁ କହିଥିଲେ । ଶିବିର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବାକୁ ସ୍ଥିର ହୋଇଥିଲା । ହେଲେ ସ୍ଥାନୀୟ ପ୍ରଶାସନର ଅଧିକାରୀଙ୍କ ଦେଖା ନ ଥିଲା । ଏପରିକି ପୋଲିସ ଅଧିକାରୀମାନେ ପ୍ରାୟ ସାଢ଼େ ୧୨ଟା ପରେ ଶିବିରରେ ପହଞ୍ଚିଥିଲେ । ଫଳରେ ମାମଲାଗୁଡ଼ିକର ଶୁଣାଣି ବାଧାପ୍ରାପ୍ତ ହୋଇଥିଲା । କୌଣସି ଏକ ମାମଲାର ତଦନ୍ତ ଦାୟିତ୍ୱ ପୋଲିସକୁ ପ୍ରଦାନ କରିବା ପାଇଁ ସଦସ୍ୟାମାନେ ନିଷ୍ପତ୍ତି ନେଉଥିବା ବେଳକୁ ପୋଲିସ ଅଧିକାରୀ ଅନୁପସ୍ଥିତ ଥିଲେ । ଅପର ପକ୍ଷକୁ ନୋଟିସ୍ ପଠାଇବା ପାଇଁ ମଧ୍ୟ ପୋଲିସ ବିଭାଗର କେହି ନ ଥିଲେ । ସେହିଭଳି ବିପକ୍ଷ ପକ୍ଷଗୁଡ଼ିକୁ ବହୁ ପୂର୍ବରୁ ଏହି ଶିବିରରେ ଉପସ୍ଥିତ ରହିବାକୁ ଅବଗତ କରାଯାଇଥିଲା । ସେମାନେ ଅନୁପସ୍ଥିତ ଥିବା ଯୋଗୁ ମାମଲାଗୁଡ଼ିକର କୌଣସି ଫଇସଲା ହୋଇପାରି ନ ଥିଲା । ମହିଳାଙ୍କ ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି ବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବା କଥା । ହେଲେ କେହି ଜଣେ ମଧ୍ୟ ଉପସ୍ଥିତ ନ ଥିଲେ । ଏସବୁକୁ ନେଇ ସଦସ୍ୟାମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ ।

### ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର ଅଫିସ,୧୨।୭**

ଗଞ୍ଜାମ ଜିଲା ଅବସରପ୍ରାପ୍ତ ପୋଲିସ ଅଫିସର ସଂଘ ପ୍ରତିଷ୍ଠା ଦିବସ ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ସଭାପତି ବିଘ୍ନରାଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସମାରୋହରେ ଅବସରପ୍ରାପ୍ତ ଆଇଜି ବିପ୍ର ଚରଣ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅବସର ଜୀବନର ସଦୁପଯୋଗ ସହ ସମାଜ ସେବାରେ ବ୍ରତୀ ହେବାକୁ ଆଚାର୍ଯ୍ୟ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଅଧାପକ ମୋହନ ପଟ୍ଟନାୟକ ମୁଖ୍ୟଅତିଥି ଥିଲେ। କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ବ୍ରହ୍ମପୁରସ୍ଥ ଅମରେଶ୍ୱର ପୋଲିସ ହାଇସ୍କୁଲର ମେଧାବୀ ଛାତ୍ରୀଛାତ୍ର ଆଶାରାଣୀ, ଯସ୍ମିନ, ଲୋକେଶ୍ୱର ଓ ମାମାଲିଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହା ସହ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଘ୍ନରାଜ ମହାପାତ୍ରଙ୍କ ସମେତ ନବୀନ ଚନ୍ଦ୍ର ନାୟକ, ବିଶ୍ୱନାଥ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ବିନାୟକ ମହାପାତ୍ରଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂଘର ଦିବଂଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କୋଷାଧକ୍ଷ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଦିଗପହଣ୍ଡି ବାହୁଡ଼ା ରଥଯାତ୍ରାରେ ବ୍ୟତିକ୍ରମ

**ଦିଗପହଣ୍ଡି,୧୨।୭(ଡି.ଏନ.ଏ.)**

ଦିଗପହଣ୍ଡିରେ ବାହୁଡ଼ା ରଥଯାତ୍ରା ପରମ୍ପରାରେ ବ୍ୟତିକ୍ରମ ଘଟିଛି। ପ୍ରତିବର୍ଷ ପୁରୀ ବାହୁଡ଼ା ରଥଯାତ୍ରାର ଦିନକ ପରେ ଏଠାରେ ରଥଟଣା ଯାଉଥିଲା। କିନ୍ତୁ ଚଳିତ ବର୍ଷ ଦଶମୀ ଓ ଏକାଦଶୀ ଗୋଟିଏ ଦିନରେ ପଡ଼ିଥିବାରୁ ଶୁକ୍ରବାର ଅପରାହ୍ନ ୫ଟାରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ସିଂହଦ୍ୱାର ଯାଏ ରଥଟଣା ଯାଇଥିଲା। ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ୬ ଦିନର ଲୀଳାଖେଳା ସରିବା ପରେ ଭୋରରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି କରାଯାଇଥିଲା। ପ୍ରାୟ ସାଢ଼େ ୬ଟାରେ ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା ପରେ ତିନିଠାକୁରଙ୍କୁ ବାହୁଡ଼ା ଯାତ୍ରା ପହଣ୍ଡି ବିଜେ ଲାଗି ବେଶ କରାଯାଇଥିଲା। ସେନାପଟା ଲାଗି ମଙ୍ଗଳାର୍ପଣ ପରେ ସକାଳ ଧୂପ ଭୋଗଲାଗି କରାଯାଇଥିଲା। ସେବାୟତମାନେ ବିଗ୍ରହମାନଙ୍କୁ ବାଦ୍ୟବାଜଣା ସହକାରେ ଗୋଟିପହଣ୍ଡି କରି ରଥାରୂଢ଼ କରାଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳକ ଦେବୀପ୍ରସାଦ ରଥ ଛେରା ପହଁରା କରିଥିଲେ। ଜରଡ଼ାସ୍ଥିତ ପାର୍ଥସାରଥି ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ସହର ସମେତ ଆଖପାଖ ଗ୍ରାମାଞ୍ଚଳଗୁଡ଼ିକରୁ ଲୋକେ ରଥ ଟାଣିଥିଲେ । ସେହିପରି ସହରରେ ଶ୍ରୀ ଦଧିବାମନ ଜଗନ୍ନାଥ ଓ ପତିତପାବନ ଜଗନ୍ନାଥଙ୍କ ବାହୁଡ଼ା ରଥଯାତ୍ରା ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ଶେଷ ହୋଇଛି ।

### ୩ ଶିକ୍ଷାନୁଷ୍ଠାନକୁ ମିଳିଲା ସ୍ୱୀକୃତି ପ୍ରମାଣପତ୍ର

**ବୁଗୁଡ଼ା,୧୨।୭(ଡି.ଏନ.ଏ.)**

ବୁଗୁଡ଼ା ସହର ୩ଟି ପୁରାତନ ଶିକ୍ଷାନୁଷ୍ଠାନକୁ ସ୍ୱୀକୃତି ପ୍ରମାଣପତ୍ର (ସିଓଆର) ମିଳିଛି । ବୁଗୁଡ଼ା ଏନ୍‌ଏସିରେ ଥିବା ନିୟୁଏରା ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ୨୦୧୮-୧୯ ଠାରୁ ୨୦୨୨-୨୩ ଅର୍ଥାତ୍ ୨୦୧୮ ଏପ୍ରିଲ ୧ତାରିଖରୁ ୨୦୨୩ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ସିଓଆର (୪) ୨୦୧୮/୧୯ ପ୍ରକାରେ ସ୍ୱୀକୃତି ମିଳିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଉକ୍ତ ପୁରାତନ ଅନୁଷ୍ଠାନକୁ ଏହି ସିଓଆର ମିଳିଥିବାରୁ ଅନୁଷ୍ଠାନଗୁଡ଼ିର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ମହଲରେ ଖୁସି ପରିଲକ୍ଷିତ ହୋଇଛି । ଏହି ସ୍ୱୀକୃତି ଆସନ୍ତା ୫ ବର୍ଷ ଯାଏ ବଳବତ୍ତର ରହିବ।

### ସ୍ପାଇନାଲ ଟିବିରେ ଆକ୍ରାନ୍ତ ଏଜିକେଲ

# ଚିକିତ୍ସାରେ ଅର୍ଥ ବାଧକ, ସହାୟତା ପାଇଁ ନିବେଦନ

**ଚନ୍ଦ୍ରଗିରି,୧୨।୭(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକ ବଡ଼ସିନ୍ଧବା ପୋଷ୍ଟ ଡିମ୍ବିରିପଙ୍କାଲ ଗ୍ରାମର କଇନ ଶବରଙ୍କ ପୁଅ ଏଜିକେଲ (୧୧)। ବିଦ୍ୟାଳୟକୁ ଯିବାବେଳେ ପ୍ରାୟ ୨ବର୍ଷ ତଳେ ଏଜିକେଲ କେଉଁଠାରେ ପଡ଼ିଯାଇ ବେକରେ ଆଘାତ ଲାଗିଥିଲା। କିନ୍ତୁ ପରେ ତାହା ଭଲ ହୋଇଯାଇଥିଲା। କିନ୍ତୁ ବର୍ଷେହେବ ପୁଣି ତାଙ୍କ ବେକରେ ଯନ୍ତ୍ରଣା ହେଉଛି। ପିତା କଇନ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇ ପରୀକ୍ଷାନିରୀକ୍ଷା କରିବାପରେ ତାଙ୍କର ସ୍ପାଇନାଲ ଟିବି ହୋଇଥିବା ଜଣାପଡିଥିଲା। ଟିବି ଔଷଧ ଖାଇବା ସହ କଟକ ନେଇ ଅପରେଶନ କରିବାକୁ ପଡିବ ବୋଲି ଡାକ୍ତର କହିଥିଲେ। ଏହାସହ ମାଗଣାରେ ଟିବି ଔଷଧ ଚନ୍ଦ୍ରଗିରି ମେଡିକାଲରୁ ନେବା ପାଇଁ ଏକ କାର୍ଡ଼ କରିଦେଇଥିଲେ। ଚନ୍ଦ୍ରଗିରି ମେଡିକାଲରୁ ଔଷଧ ନେଇ ଖାଉଥିଲେ ମଧ୍ୟ ଅପରେଶନ ପାଇଁ ଅର୍ଥନାହିଁ। ସରକାର ଯଦି ସହାୟତା କରନ୍ତେ ମୋ ପୁଅ ଆରୋଗ୍ୟ ହୋଇପାରନ୍ତା ବୋଲି ବାପା କଇନ କହିଛନ୍ତି। ଗୁରୁବାର ଏଜିକେଲଙ୍କୁ ନେଇ ତାଙ୍କ ପରିବାର ଲୋକେ ଚନ୍ଦ୍ରଗିରି ମେଡିକାଲକୁ ଆଣିଥିଲେ। ଏନେଇ ଡ଼ାକ୍ତର ଉଲ୍ଲାସ ରାଉତ କହିଛନ୍ତି, ଏହା ଏକ ସାଂଘାତିକ ରୋଗ। ପୁରୁଣା ହେଲେ ଜୀବାଣୁ ପୁରା ମେରୁଦଣ୍ଡକୁ ସଂକ୍ରମଣ କରିଯିବ, ହାତଗୋଡ ଆଉ କାମ କରିବ ନାହିଁ। ତେଣୁ ତୁରନ୍ତ ଅପରେଶନ ଆବଶ୍ୟକ। ଯାହାକି ଏମକେସିଜିରେ ମଧ ଉପଲବ୍ଧ ନାହିଁ। ଆମେ ଚନ୍ଦ୍ରଗିରି ମେଡିକାଲ ତରଫରୁ ଜିଲା ଚିକିତ୍ସାଳୟକୁ ପଠାଇବା ସହ ଜିଲା ଚିକିତ୍ସାଧିକାରୀଙ୍କୁ ଅବଗତ କରି କିଭଳି ମାଗଣାରେ ଚିକିତ୍ସା ହୋଇପାରିବ ସେନେଇ ଜିଲା ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରିବି ବୋଲି କହିଛନ୍ତି।


ଚନ୍ଦ୍ରଗିରି ମେଡିକାଲରେ ରୋଗାକ୍ରାନ୍ତ ଏଜିକେଲ ଶବରଙ୍କ ସହ ପିତାମାତା ।


ଗୋଷାଣୀନୂଆଗାଁରେ ରଥଟଣା ବେଳେ ଜନସମୁଦ୍ର ।


ଗୋଷାଣୀନୂଆଗାଁରେ ମହିଳା ଭକ୍ତମାନେ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି ।


ଏକାଦଶୀ ଉପଲକ୍ଷେ ଆଡପ ମଣ୍ଡପରେ ତିନିଠାକୁରଙ୍କୁ ତୁଳସୀରେ ସଜ୍ଜିତ କରାଯାଇଛି ।

# ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି


ଶ୍ରଦ୍ଧାଳୁମାନେ ଦୀପଦାନ କରୁଛନ୍ତି ।


ପୂଜା ପାଇଁ ମହିଳା ଭକ୍ତମାନେ ଫୁଲ ନେଇ ଯାଉଛନ୍ତି ।

**ବ୍ରହ୍ମପୁର ଅଫିସ,୧୨।୭**

ଶ୍ରୀମନ୍ଦିରକୁ ବାହୁଡିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଦୀର୍ଘ ନବଦିନ ଯାତ୍ରା ପରେ ଆଡପ ମଣ୍ଡପରୁ ଶ୍ରୀମନ୍ଦିର ମୁହାଁ ହୋଇଛନ୍ତି ତିନିଠାକୁର । ଶୁକ୍ରବାର ଅନୁଷ୍ଠିତ ମହାପ୍ରଭୁଙ୍କ ପାରମ୍ପରିକ ବାହୁଡାଯାତ୍ରାକୁ ନେଇ ଉତ୍ସବ ମୁଖର ହୋଇ ଉଠିଥିଲା ରେଶମ ନଗରୀ ବ୍ରହ୍ମପୁର । ଭୋରରୁ ଆଡପମଣ୍ଡପରେ ୩ଠାକୁରଙ୍କ ମଙ୍ଗଳଆଳତି ଓ ପଣାଭୋଗ କରାଯାଇଥିଲା । ମଧ୍ୟାହ୍ନରେ ଅନ୍ନଭୋଗ ଲାଗି ପରେ ତିନିଠାକୁରଙ୍କୁ ଧାଡି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା । ପରମ୍ପରା ଅନୁସାରେ ସହର ହନୁମାନ ବଜାର ଛକରେ ଥିବା ବଡ ଜଗନ୍ନାଥ, ସାନ ଜଗନ୍ନାଥଙ୍କ ରଥରେ ମହୁରି ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ଛେରାପହଁରା କରିଥିଲେ । ଏହାପରେ ପାତାଳେଶ୍ୱରର ୩ଠାକୁରଙ୍କ ରଥରେ ରାଜା ଛେରାପହଁରା କରିବା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । ଘଣ୍ଟ, ବାଦ୍ୟ, ମହୁରୀ, ଖୋଳ, ମୃଦଙ୍ଗ, ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା । ସେହିପରି କୋର୍ଟପେଟା, ବଡବଜାର, ଗୋଷାଣୀନୂଆଗାଁ, ଗୋଇଲୁଣ୍ଡି, ଉତ୍କଳ ଆଶ୍ରମ ରୋଡ, ବିଜିପୁର, ଆଙ୍କୁଲିରେ ମଧ୍ୟ ମହାପ୍ରଭୂଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା । କୋର୍ଟପେଟାରେ ମନ୍ଦିର ପରିଚାଳନା କମିଟି ସଭାପତି ଡ. ଜଗନ୍ନାଥ ସୁବୁଦ୍ଧି ତିନିଠାକୁରଙ୍କ ରଥରେ ଛେରାପହଁରା କରିଥିଲେ । ଅପରାହ୍ନରେ ଗୁଳୁଗୁଳି ଯୋଗୁ ରଥଟଣା ବେଳେ ସମସ୍ତ ସ୍ଥାନରେ ଅପେକ୍ଷାକୃତ କମଭିଡ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ସମସ୍ତ ଅଞ୍ଚଳର ତିନିରଥ ନିଜସ୍ୱ ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ବେଳେ ସହରର ସର୍ବପୁରାତନ ବଡ ଜଗନ୍ନାଥ, ସାନ ଜଗନ୍ନାଥଙ୍କ ରଥ ମନ୍ଦିର ପୂର୍ବରୁ ବଡବଜାର ଛକରେ ଅଟକିଥିଲା । ଠାକୁରଙ୍କ ରଥ ସାନବଜାରଠାରେ ଏବଂ ପାତାଳେଶ୍ୱର ତିନିଠାକୁରଙ୍କ ରଥ ସବରେଜିଷ୍ଟ୍ରି ଅଫିସ ସମ୍ମୁଖରେ ଅଟକିଥିଲା । ସହର ସନ୍ନିକଟ ଭୈରବୀ, ଗୋପାଳପୁରରେ ମଧ୍ୟ ତିନିଠାକୁରଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା । ସମସ୍ତ ସ୍ଥାନରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ଶନିବାର ତିନିଠାକୁରଙ୍କ ସୁନାବେଶ ପରେ ରବିବାର ଠାକୁର ସିଂହାସନକୁ ବିଜେ କରିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚାଇ ଦିଆଯାଇଛି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗୋଷାଣୀନୂଆଗାଁ, କୋର୍ଟପେଟା ଛକ ସମେତ ବିଭିନ୍ନ ସ୍ଥାନରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।



**ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ରେଶମନଗରୀ**

**ଆଜି ସୁନାବେଶରେ ଦର୍ଶନ ଦେବେ ତିନିଠାକୁର**

## ହାଇଦ୍ରାବାଦ୍‌ରେ ବାହୁଡ଼ା ଯାତ୍ରା

ବ୍ରହ୍ମପୁର ଅଫିସ୍,୧୨।୭–ହାଇଦ୍ରାବାଦ୍‌ର ଆଇଡିଏ ବୋଲାରାମ ଭିଲେଜ୍‌ରେ ଶୁକ୍ରବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବହୁ ଲୋକ ଏହି ଯାତ୍ରାରେ ସାମିଲ ହୋଇଥିଲେ । ପୂଜକ ଲମ୍ବୋଦର ଦାଶ, ପରେଶ ଚନ୍ଦ୍ର ଦାଶ ଓ ଚିନ୍ତାମଣୀ ମିଶ୍ର ଆଳତି, ପୂଜାର୍ଚ୍ଚନା ସହ ସମସ୍ତ ନୀତିକାନ୍ତି ଏବଂ ଭୋଗ କରିଥିଲେ । ଅପରାହ୍ନ ସାଢ଼େ ୪ଟା ବେଳେ ଚତୁର୍ଦ୍ଧାମୂର୍ତ୍ତି ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥିଲେ । ସେବକ ତ୍ରିନାଥ ମହାରଣାଙ୍କୁ ଗିନି, ମୃଦଙ୍ଗ, ଶଙ୍ଖ, କାହାଳୀ ଓ ହୁଳହୁଳି ଦେଇ ଏକ ଶୋଭାଯାତ୍ରାରେ ରଥ ନିକଟକୁ ପାଛୋଟି ଅଣାଯାଇଥିଲା । ସେଠାରେ ଠାକୁର ସେବକ ରାଜା ରଥଦେବତାଙ୍କୁ କ୍ଷମା ପ୍ରାର୍ଥନା କରିବା ସମୟରେ ରଥ ନିକଟରେ ଅପେକ୍ଷାରତ ସେବିକା ଜୟନ୍ତୀ ଦଳାଇ ହଳଦି ଜଳରେ ପାଦ ଧୋଇଥିଲେ । ରବୀନ୍ଦ୍ରନାଥ ଗିରି, ଡା. ଭରତ ବିଜୟ ପୁରୋହିତ, ଦୁଷ୍ମନ୍ତ ସାହୁ, ଅଜୟ ଦାଶ, ଆଦିନାରାୟଣ ସ୍ୱାଇଁ, ନରୋତ୍ତମ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଗିରି, ଡା. ନିରଞ୍ଜନ ଦାସ, ସୁଭଦ୍ରା ମହିଳା ଦଳର ସଭାନେତ୍ରୀ ଆରତି ଗିରି, ପ୍ରିୟମ୍ବଦା ନାୟକ, ଡୋଲି ଭୂୟାଁ, ବାଲମଣି ପ୍ରଧାନ, ଜନକ ଦାସ ଓ ପ୍ରିୟମ୍ବଦା ଦାଶ ପ୍ରମୁଖ ସହଯୋଗ କରିଥିଲେ । ମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର ରେଡ୍ଡୀ କୃତଜ୍ଞତା ଜଣାଇଥିଲେ । ଅଶୋକ କରଣ, ବଂଶୀଧର ଦଳାଇ ଏବଂ ଶ୍ରୀନିବାସ ଚୌଧୁରୀ ସହଯୋଗ କରିଥିଲେ ।


ଛେରା ପହଁରା କରାଯାଉଛି।

## ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ ଖେଳାଳି ସନ୍ଦୀପଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୧୨।୭**

ଭାରତୀୟ ହ୍ୟାଣ୍ଡବଲ୍ ଦଳରେ ସ୍ଥାନ ପାଇ ଅର୍ନ୍ତଜାତୀୟ ମ୍ୟାଚ୍ ଖେଳିଥିବା ବ୍ରହ୍ମପୁରର ପ୍ରତିଭାବାନ ଖେଳାଳି ବି.ସନ୍ଦୀପ କୁମାର ପାତ୍ରଙ୍କୁ ଶୁକ୍ରବାର ଦିଶା କଲେଜ୍ ଏବଂ ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଦିଶା କଲେଜ ଅଫ୍ ସାଇନ୍ସ ଆଣ୍ଡ କମର୍ସ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଲେଜ ସମ୍ପାଦକ ଦିନେଶ ମିଶ୍ର ଏବଂ ଅଧ୍ୟକ୍ଷ ସୁଶାନ୍ତ ପାଳଙ୍କ ସହ ପୁନା ଆଚାର୍ଯ୍ୟ ଏବଂ ସବ୍ୟସାଚୀ ମହାପାତ୍ର ସମ୍ବର୍ଦ୍ଧନା ଦେଇଥିଲେ । ସେହିଭଳି ଜିଲା ସଂଘ ପକ୍ଷରୁ ସଭାପତି ଅଶୋକ ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ପରାମର୍ଶଦାତା ପ୍ରକାଶ ପଣ୍ଡା ଏବଂ ଦୁଷ୍ମନ୍ତ ପାଢୀଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରିଥିଲେ ।

ଗତ ୧ରୁ ୭ତାରିଖ ମଧ୍ୟରେ ସ୍ୱିଡେନ୍‌ର ଗୋଥେନ୍ ବର୍ଗରେ ଅନୁଷ୍ଠିତ ୫୦ତମ ପାର୍ଟାଇଲ୍ କପ୍‌ରେ ସେ ଭାରତ ତରଫରୁ ୬ଟି ମ୍ୟାଚ୍ ଖେଳିଥିଲେ । ଭାରତୀୟ ଦଳ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲା । ଦଳ ପାଇଁ ସନ୍ଦୀପ ୯ପଏଣ୍ଟ ହାସଲ କରିଥିଲେ । ବ୍ରହ୍ମପୁରରେ କୋଚ୍ ପ୍ରଶାନ୍ତ କୁମାର ରଥଙ୍କଠାରୁ ହ୍ୟାଣ୍ଡବଲ୍ ପ୍ରାରମ୍ଭିକ ପ୍ରଶିକ୍ଷଣଠାରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପର୍ଯ୍ୟନ୍ତ, ସନ୍ଦୀପ ନିଜ ଅଭିଜ୍ଞତା ବାଣ୍ଟିଥିଲେ । ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ସେ କହିଥିଲେ, ଅର୍ନ୍ତଜାତୀୟ ପ୍ରତିଯୋଗିତାରେ ଖେଳିବାର ଆନନ୍ଦ, ଉତ୍ସାହ ଭିନ୍ନ । ଏହି ପ୍ରତିଯୋଗିତାରୁ ଅନେକ କିଛି ଶିଖିବାକୁ ମିଳିଲା । ବିଦେଶୀ ଖେଳାଳିଙ୍କ କୌଶଳ ଏବଂ ଆମ କୌଶଳ ଭିତରେ ଅନେକ ଫରକ୍ ରହିଛି । ସେମାନଙ୍କଠାରୁ ଅନେକ ପ୍ରକାର କୌଶଳ ଶିଖିବାର ସୁଯୋଗ ମିଳିଲା । ଭବିଷ୍ୟତରେ ସେହି ଅଭିଜ୍ଞତାକୁ ବ୍ୟବହାର କରିବି ବୋଲି ସନ୍ଦୀପ କହିଥିଲେ । କାର୍ଯ୍ୟକ୍ରମରେ କଲେଜର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଗଞ୍ଜାମ ଜିଲା: ନର୍ସିଂହୋମ ଗୁଡ଼ିକରେ ଅଗ୍ନି ନିରାପତ୍ତା ଫେଲ

# ନୋଟିସ ଦିଆଯାଉଛି, କାର୍ଯ୍ୟାନୁଷ୍ଠାନ ଶୂନ

**ବ୍ରହ୍ମପୁର ଅଫିସ,୧୨।୭**

ବ୍ରହ୍ମପୁର ମହାନଗର ନିଗମ ସମେତ ଜିଲାର ବିଭିନ୍ନ ସ୍ଥାନରେ ଏବେ ବହୁ ସଂଖ୍ୟାରେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଚାଲିଛି । ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଗୁଡ଼ିକରେ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଅନୁସାରେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ରହିଥିବା ସମସ୍ତ ନିୟମ ମାନିବା କଥା । କିନ୍ତୁ ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନି । ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ନିୟମ ପାଳନ କରିବାକୁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି । ଗତ କିଛିଦିନ ତଳେ ଅଗ୍ନିଶମ ବିଭାଗ ପକ୍ଷରୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ପରିସର, ୱାର୍ଡ, କ୍ୟାବିନ ଏବଂ ଓଟି ଆଦି ଯାଞ୍ଚ କରାଯାଇଥିଲା । ତେବେ ସବୁଠି ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ଏପରିକି ଅଗ୍ନି ନିରାପତ୍ତା ନିୟମକୁ ଉଲ୍ଲଂଘନ କରାଯାଇଥିବା ବେଳେ ବ୍ୟାପକ ଅବ୍ୟବସ୍ଥା ଦୃଷ୍ଟିକୁ ଆସିଥିଲା । ବିଶେଷକରି ହସ୍ପିଟାଲ ଚାରିପଟେ ଫାୟାର ଗାଡ଼ି ବୁଲି ପାରିବା ଭଳି ରାସ୍ତା ରଖିବାକୁ ନିୟମ ଥିବା ବେଳେ କୌଣସି ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଏହି ସୁବିଧା ନ ଥିବା ଦୃଷ୍ଟିକୁ ଆସିଥିଲା । ଏକାଧିକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଅଦରକାରୀ କାଠ, ପ୍ଲାଷ୍ଟିକ ଓ କାଗଜ ଆଦି ଦହନଶୀଳ ସାମଗ୍ରୀ ଜମା ହୋଇ ରହୁଥିବା ଦେଖିବାକୁ ମିଳିଥିଲା । ନିଆଁ ଲିଭାଇବା ପାଇଁ ହାତଗଣତି ଯନ୍ତ୍ରପାତି ଥିଲେ ମଧ୍ୟ ତାହା ଠିକ୍ ଭାବେ କାମ କରୁନାହିଁ । ଏପରିକି ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଅଗ୍ନିକାଣ୍ଡ ଘଟିଲେ ଫାୟାର ଏକ୍ସଟିଂଗୁଇସର ବ୍ୟବହାର ମଧ୍ୟ କର୍ମଚାରୀମାନଙ୍କୁ ଜଣାନାହିଁ । ଅନେକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ବ୍ୟାଟେରି ରୁମର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ ରହିଥିବା ବେଳେ ନିଆଁ ଲାଗିଲେ ବାହାରକୁ ତୁରନ୍ତ ଯିବା ପାଇଁ ଜରୁରୀ ଦ୍ୱାର ରଖାଯାଇନାହିଁ । ଅଧିକାଂଶ ନର୍ସିଂହୋମ ଓ ଘରୋଇ ହସ୍ପିଟାଲରେ ସ୍ପ୍ରିଙ୍କଲର ଏବଂ ଆଲାର୍ମ ବ୍ୟବସ୍ଥା ପୁରା ଖରାପ । ଏଭଳି ସ୍ଥିତିକୁ ନେଇ ଅଗ୍ନିଶମ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ ମଧ୍ୟ କରିଛନ୍ତି । ବିଗତ ଦିନରେ ଅଗ୍ନିଶମ ଅଧିକାରୀ ସଞ୍ଜୀବ ପ୍ରଧାନ ନିରାପତ୍ତା ବ୍ୟବସ୍ଥା ନ ଥିବା ନର୍ସିଂହୋମ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ନୋଟିସ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ । ଏହାକୁ ଆଧାର କରି ଅନେକ ନର୍ସିଂହୋମ ଓ ଘରୋଇ ହସ୍ପିଟାଲ ଯାହାର କି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଭାବେ କାମ କରୁନାହିଁ ସେମାନଙ୍କୁ ନୋଟିସ ଦିଆଯାଇଥିଲା । ହେଲେ ତାହା ଏବେ ସୁଦ୍ଧା ନୋଟିସରେ ହିଁ ଅଟକି ଯାଇଛି । ଅଗ୍ନିଶମ ବିଭାଗର ଏଭଳି କାର୍ଯ୍ୟକୁ ବରିଷ୍ଠ ଆଇନଜୀବୀ ନାରାୟଣ ପଣ୍ଡା ପ୍ରହସନ ବୋଲି କହିଛନ୍ତି । ନିକଟରେ ଗୁଜରାଟର ସୁରଟରେ ଥିବା ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ପରଠାରୁ ବିଭାଗ ତରଫରୁ ଏଭଳି ଚଢ଼ାଉ ଓ ନୋଟିସ ଦିଆ ଚାଲିଛି । ହେଲେ କୌଣସି ସ୍ଥାନରେ ପଦକ୍ଷେପ ନିଆଯାଉ ନ ଥିବାରୁ ପରବର୍ତ୍ତୀ ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟୁଛି । ତେଣୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଚଢ଼ାଉ ଓ ପଦକ୍ଷେପକୁ ନିୟମିତ କରିବା ଜରୁରୀ ହୋଇପଡ଼ିଛି ବୋଲି ଆଇନଜୀବୀ ପଣ୍ଡା କହିଛନ୍ତି । ଦକ୍ଷିଣାଞ୍ଚଳ ରେଞ୍ଜ ଅଗ୍ନିଶମ ଅଧିକାରୀ ସଞ୍ଜୀବ ପ୍ରଧାନ କହିଛନ୍ତି, ଯାଞ୍ଚ ବେଳେ ଯେଉଁସବୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି ରହିଛି ସେହିସବୁ ସଂସ୍ଥାର ମାଲିକମାନଙ୍କୁ ୩ ମାସିଆ ନୋଟିସ ଦିଆଯାଇଛି । ଏନେଇ ଗଞ୍ଜାମ ଜିଲାପାଳଙ୍କୁ ମଧ୍ୟ ଜଣାଇ ଦିଆଯାଇଛି । ସମୟସୀମା ପରେ ପୁଣି ଥରେ ସେହିସବୁ ହସ୍ପିଟାଲ ଓ ନର୍ସିଂହୋମରେ ଅଗ୍ନି ନିରାପତ୍ତା ଯାଞ୍ଚ ହେବ । ଯଦି ସେଥିରେ ତ୍ରୁଟି ପରିଲକ୍ଷିତ ହେବ ତେବେ ସମ୍ପୃକ୍ତ ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଥାନାରୁ ଚମ୍ପଟ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୨।୭**

ଟାଉନ ପୋଲିସ ଥାନାରୁ ଚମ୍ପଟ ମାରିଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେଶନରୁ କାବୁ କରାଯାଇଛି ବୋଲି ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଜଣଙ୍କ ଖାଜା ସାହିର ମହମ୍ମଦ ଇମ୍ରାନ । ମାମଲା ନଂ. ୧୧୮/୧୯ରେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ମେ ୧୭ ତାରିଖରେ ସଦର ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀରେ କେଦାର ଗନ୍ତାୟତଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ୨ ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗ ପରେ ପୋଲିସ ନଂ୧୨୧/୧୯ରେ ଟୁଟୁ ଓରଫ ସତ୍ୟବ୍ରତ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ମହମ୍ମଦ ଇମ୍ରାନ ଫେରାର ଥିଲେ । ମେ ୨୧ ତାରିଖ ରାତିରେ ଟାଉନ ଥାନା ପୋଲିସ ଇମ୍ରାନଙ୍କୁ କାବୁ କରି ଥାନାରେ ଅଟକ ରଖିଥିଲେ । ହେଲେ ୨୨ ତାରିଖ ସକାଳେ ପୋଲିସକୁ ଚକମା ଦେଇ ମହମ୍ମଦ ଥାନରୁ ଚମ୍ପଟ ମାରିଥିଲେ । ଅନ୍ୟପଟେ ସଦର ଥାନା ପୋଲିସ ମହମ୍ମଦଙ୍କ ନାଁରେ କୋର୍ଟ ନିର୍ଦ୍ଦେଶରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲା । ଏହା ସତ୍ତ୍ୱେ ପୋଲିସ ତାଙ୍କୁ ଧରିପାରି ନ ଥିଲା । ଶୁକ୍ରବାର ଅଭିଯୁକ୍ତ ଇମ୍ରାନ ରେଳ ଯୋଗେ ବ୍ରହ୍ମପୁର ଆସୁଥିବା ଟାଉନ ଥାନା ପୋଲିସ ଖବର ପାଇଥିଲା । ସେ ଓହ୍ଲାଇ ପ୍ଲାଟଫର୍ମ ଦେଇ ଯାଉଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିବା କହିଛି । ସେହିପରି ସଦର ଥାନା ପୋଲିସ ଅଭିଯୁକ୍ତ ଇମ୍ରାନଙ୍କ ନା'ରେ ଥିବା ୱାରେଣ୍ଟକୁ କୋର୍ଟରେ ଦାଖଲ କରିଥିବା ଜଣାପଡ଼ିଛି ।


ଗିରଫ ଅଭିଯୁକ୍ତ ।

### ପାହାଡ଼ରେ ସିଡ୍‌ବଲ ଦ୍ୱାରା ହେଲା ମଞ୍ଜି ରୋପଣ

# ବାଳକୁମାରୀରୁ ଆରମ୍ଭ ହେଲା ବନୀକରଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୧୨।୭**

ଗଞ୍ଜାମ ଜିଲାର ଶୋଭାବୃଦ୍ଧି କରୁଥିବା ମାଳଭୂମି ତଥା ପାହାଡଗୁଡିକ ଏବେ ବୃକ୍ଷ ଶୂନ୍ୟ ହୋଇଯାଉଛି । ଏହି ବୃକ୍ଷ ଶୂନ୍ୟ ପାହାଡରେ ପୁନଃ ସବୁଜବନାନୀରେ ପରିଣତ କରିବାକୁ ଆଗେଇ ଆସିଛି ବ୍ରହ୍ମପୁର ସାମାଜିକ ଅନୁଷ୍ଠାନ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ । ସିଡ୍‌ବଲ ଦ୍ୱାରା ଗଞ୍ଜାମ ଜିଲାରେ ବୃକ୍ଷ ଶୂନ୍ୟ ହୋଇଯାଇଥିବା ପାହାଡଗୁଡିକରେ ପୁନଃ ବନୀକରଣ କରିବା ଦିଗରେ ଫାଉଣ୍ଡେଶନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଶୁକ୍ରବାର ଗଞ୍ଜାମ ଜିଲା ଚିକିଟି ଅଞ୍ଚଳର ପ୍ରସିଦ୍ଧ ବାଳକୁମାରୀ ପାହାଡରୁ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ସିଡ୍‌ବଲ ଦ୍ୱାରା ବାଳକୁମାରୀ ପାହାଡରେ ବନୀକରଣ କରିଛନ୍ତି ଫାଉଣ୍ଡେଶନର କର୍ମକର୍ତ୍ତା । ଗତ ମଙ୍ଗଳବାର ଫାଉଣ୍ଡେଶନ ପକ୍ଷରୁ ସିଡ୍‌ବଲ ପ୍ରସ୍ତୁତି ମେଶିନର ଶୁଭାରମ୍ଭ କରାଯାଇଥିଲା । ଉକ୍ତ ସିଡ୍‌ବଲ ମେଶିନରୁ ବିଭିନ୍ନ ପ୍ରକାର ବୃକ୍ଷ ମଞ୍ଜିରେ ପ୍ରସ୍ତୁତ ସିଡ୍‌ବଲକୁ ବାଳକୁମାରୀ ପାହାଡରେ ରୋପଣ କରାଯାଇଥିଲା । ପ୍ରଥମ ଦିନରେ ଏହି ପାହାଡରେ ତେନ୍ତୁଳି, ରାଧାଚୂଡା, କୃଷ୍ଣଚୂଡା, ବାଉଁଶ, ଆକାଶିଆ ଓ ରକ୍ତ ଚନ୍ଦନ ପ୍ରଭୃତି ମଞ୍ଜିକୁ ନେଇ ପ୍ରସ୍ତୁତ ପ୍ରାୟ ୨୦ ହଜାର ସିଡ୍‌ବଲ ରୋପଣ କରିଛନ୍ତି । ଏଥିସହ ବାଳକୁମାରୀ ପୀଠରେ ପଡିଥିବା ପଲିଥିନ, ଆବର୍ଜନା ମଧ୍ୟ ସଫେଇ କରାଯାଇଥିଲା । ଏହି ଅବସରରେ ଚିକିଟି ଅଞ୍ଚଳରେ ପରିବେଶ ଯାତ୍ରା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜଳ ସଂରକ୍ଷଣ ଓ ପ୍ରଦୂଷଣ ରୋକିବା, ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ, ଚାରାରୋପଣ ଓ ତାର ରକ୍ଷଣାବେକ୍ଷଣ ପାଇଁ ସଚେତନ କରାଯାଇଥିଲା । ତେବେ ଆଗାମୀ ଦିନରେ ଚିକିଟି ଅଞ୍ଚଳର ଋଷିଦିଲ୍ଲୀ ସମେତ ରାମଚନ୍ଦ୍ରପଲ୍ଲୀ ପାହାଡ, ସହଶପୁର ଓ ହିଞ୍ଜିଳିକାଟୁ ପ୍ରମୁଖ ଅଞ୍ଚଳରେ ଥିବା ପାହାଡରେ ମଧ୍ୟ ସିଡ୍‌ବଲ ମାଧ୍ୟମରେ ମଞ୍ଜି ରୋପଣ କରାଯିବା ନେଇ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ଚେୟାରମ୍ୟାନ ସୁଧୀର କୁମାର ରାଉତ, ବିଶିଷ୍ଟ ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ସ୍ୱରାଜ ସୁବୁଦ୍ଧି, ଅନନ୍ତ ନାରାୟଣ ମହାନ୍ତି, ଗଣେଶ ପ୍ରସାଦ ପଣ୍ଡା, ସୁମନ୍ତ ମହାନ୍ତି, ଭୀମାରାଜୁ ପାତ୍ର, ସୁକାନ୍ତ ଗୌଡ, ମାଧବ ନାୟକ ଓ ଭୀମରାଜୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**ଆର୍ଯ୍ୟଭଟ୍ଟ ରୋପଣ କଲା ୨୦ ହଜାର ସିଡ୍‌ବଲ**

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଜୁଲାଇ ୧୩/୨୦୧୯ Berhampur, Saturday, July 13/2019


## ସଂକ୍ଷେପରେ

ବ୍ରହ୍ମପୁର ଉପଜିଲାପାଳଙ୍କ ରାଜସ୍ୱ ସମୀକ୍ଷା

### ଜବତ କଲେ ବେଆଇନ ମୋରମ ବୋଝେଇ ଟ୍ରାକ୍ଟର

ଦିଗପହଣ୍ଡି,୧୨।୭(ଡି.ଏନ.ଏ.)- ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ ଗୁରୁବାର ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱ ସମ୍ପର୍କିତ ବିଭିନ୍ନ ନଥିପତ୍ର ତନଖି କରିବା ସହ ବିଭିନ୍ନ କାର୍ଯ୍ୟାବଳୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁରୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରେ ବି.ତୁରୁବୁଡ଼ି ପଞ୍ଚାୟତ ଝରିପଦର ଗାଁ ପାହାଡ଼ରୁ ବେଆଇନ ଚୋରା ଚାଲାଣ କରୁଥିବା ମୋରମ ବୋଝେଇ ଟ୍ରାକ୍ଟର (ନଂ.ଓଡି଼୦୭ଜି-୬୬୪୦)କୁ ଲକ୍ଷ୍ମୀନାରାୟଣପୁର ଗ୍ରାମ ନିକଟରେ ଅଟକାଇ ମାଲିକଙ୍କ ନିକଟରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ପଦ୍ମନାଭପୁର ରାଜସ୍ୱ ସର୍କଲର ନିରୀକ୍ଷକ ଫକୀର ମୋହନ ରାଉତ ଓ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଉପଜିଲାପାଳ ଜକର ଓ ପଦ୍ମନାଭପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷା କରିଥିଲେ।

### ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ଉଦ୍ଧାର

ସୋରଡା,୧୨।୭(ଡି.ଏନ୍.ଏ.)- ସୋରଡା ବ୍ଲକ ଗାଜଲବାଡି ପଞ୍ଚାୟତ ରାମନାବାଡି ଜଙ୍ଗଲ ରାସ୍ତାରୁ ଶୁକ୍ରବାର ମଧ୍ୟାହ୍ନରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଭୋରରୁ ମୃତଦେହକୁ ଏଠାରେ ଆଣି କେହି ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ରାମନାବାଡି ଅଞ୍ଚଳ ଘଞ୍ଚ ଜଙ୍ଗଲ ହୋଇଥିବାରୁ କୌଣସି ସ୍ଥାନରେ ହତ୍ୟାକରି ମୃତଦେହକୁ ଏଠାରେ ଫିଙ୍ଗିଦିଆଯାଇଥିବା ପୋଲିସ ଅନୁମାନ କରୁଛି। ମୃତ ଦିବ୍ୟାଙ୍ଗ ଯୁବକ ସ୍ଥାନୀୟ ଅଞ୍ଚଳର ନୁହଁନ୍ତି ବୋଲି ପୋଲିସ କହିଛି। ମଧ୍ୟାହ୍ନରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### କବାଟ ଭାଙ୍ଗି ଘରୁ ଟଙ୍କା, ସୁନା ଚୋରି

ଛତ୍ରପୁର,୧୨।୭(ଡି.ଏନ.ଏ.)-ଛତ୍ରପୁର ଥାନା ଅଧୀନ କେଉଟପଲ୍ଲୀ ଗାଁର ସୀମାଞ୍ଚଳ ବେହେରାଙ୍କ ଘର ପଛପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଗୁରୁବାର ରାତିରେ ଟଙ୍କା, ସୁନା ଅଳଙ୍କାର ଓ ଲୁଗାପଟା ଚୋରି କରିଛନ୍ତି।ଏ ନେଇ ସୀମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଗୁରୁବାର ରାତିରେ ସୀମାଞ୍ଚଳ ଓ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ଲୁଟ କରିଥିଲେ।

### ମଦ ଜବତ, ୨ ଗିରଫ

ହିଞ୍ଜିଳିକାଟୁ, ୧୨।୭(ଡି.ଏନ୍.ଏ.)- ହିଞ୍ଜିଳି ଥାନା ପୋଲିସ ରଙ୍ଗଣିପଲ୍ଲୀ ଗ୍ରାମରୁ ଗୁରୁବାର ରାତିରେ ବେଆଇନ ମଦ ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ସାହୁ, ବିଶ୍ୱନାଥ ସାହୁ। ତାଙ୍କଠାରୁ ପ୍ରାୟ ୬ଲିଟର ବିଦେଶୀ ଓ ୧୪ଲିଟର ଦେଶୀ ମଦ ଜବତ ହୋଇଛି। ନଂ. ୧୬୯ ଓ ୧୭୦/୧୯ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

# ଧାନତଳି ନଷ୍ଟ କଲେ ହାତୀ, ଚିନ୍ତାରେ ଚାଷୀ

ଭଞ୍ଜନଗର,୧୨।୭(ଡି.ଏନ.ଏ.)



ତୀର୍ଥ ପ୍ରଧାନଙ୍କ ଧାନ ତଳି ନଷ୍ଟ ହୋଇଯାଇଛି।

ଭଞ୍ଜନଗର ଉତ୍ତରଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଗୁଣ୍ଡିରିବାଡ଼ିରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଆତଙ୍କ ଦେଖାଦେଇଛି। ହାତୀମାନେ ଗ୍ରାମ ମୁଣ୍ଡକୁ ଆସି ବିଭିନ୍ନ ଲୋକଙ୍କ ଧାନ ତଳି ନଷ୍ଟ କରିଛନ୍ତ, ଯାହାକୁ ନେଇ ଚାଷୀମାନେ ଏବେ ଚିନ୍ତାରେ। ବନ ବିଭାଗ କର୍ମଚାରୀ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ।

ପ୍ରକାଶଯେ, ଗୁରୁବାର ବିଳମ୍ବିତ ରାତିରେ ୧୨ଟି ହାତୀ ଗୁଣ୍ଡିରିବାଡ଼ି ଜଙ୍ଗଲରୁ ବାହାରି ଗ୍ରାମ ନିକଟରେ ଥିବା ଗୁଣ୍ଡିରିବାଡ଼ିର ତୀର୍ଥ ପ୍ରଧାନ, ଦିଲୀପ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ଅନ୍ତର୍ଯ୍ୟାମୀ ରଣା, ବିରଞ୍ଚି ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଭଞ୍ଜ ପ୍ରଧାନ, ଗିରିଧାରୀ ରାଉତ, ବାଇନାଥ ଦିହୁଡ଼ି, ଭିକାରୀ ସେନାପତି, ଅଭି ସେନାପତି, ପ୍ରଭାସିନୀ ସେନାପତି, ବିଜୟ ସେନାପତି, କାଳୁ ପ୍ରଧାନ, ସରୋଜ କୁମାର ପ୍ରଧାନ, ରମେଶ ଦୀକ୍ଷିତ, ହରି ପରିଚ୍ଛା, ଖଣ୍ଡିକୋଟିର ମୋଚି ପ୍ରଧାନ ପ୍ରମୁଖଙ୍କ ଜମିର ଧାନ ତଳି ନଷ୍ଟ କରିଛନ୍ତି। ଧାନ ତଳି ବଡ଼ ହୋଇଯାଇଥିବା ଯୋଗୁ ଚାଷୀମାନେ ଜମି ପାଗହେଲେ ତଳି ରୋଇବା ଆରମ୍ଭ କରିଥାନ୍ତେ। ଏହାପୂର୍ବରୁ ହାତୀ ଆସି ତଳି ନଷ୍ଟ କରିଛନ୍ତି। ତଳି କେଉଁଠୁ ଆଣିବେ ସେ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ହାତୀମାନେ ପୁଣି ଆସି ତଳି ଖାଇବା ସମ୍ଭାବନା ଥିବାରୁ ଗ୍ରାମବାସୀ ବଳକା ତଳି ବଞ୍ଚାଇବା ପାଇଁ ଶନିବାର ରାତିରୁ ପାଳି କରି ଜଗିବାକୁ ନିଷ୍ପତ୍ତି ନେଇଛନ୍ତି। ଅପରପକ୍ଷେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହୋଇଛି। ଅପରପକ୍ଷେ ଏ ନେଇ ଏସିଏଫ୍ ସୁଦର୍ଶନ ବାଦୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଆଇନ ଅନୁଯାୟୀ ଯାହା ସରକାରୀ ସୁବିଧା ଅଛି ଚାଷୀଙ୍କୁ ଯୋଗାଇ ଦିଆଯିବ। ହାତୀ ଆସିଥିବା ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଫସଲ ସୁରକ୍ଷା ସହ ହାତୀ ସୁରକ୍ଷିତ କିଭଳି ହୋଇପାରିବ ସେଥିପ୍ରତି ପଦକ୍ଷେପ ନିଆଯାଉଛି।

# କୂଅରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୧୨।୭(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଜିଉରା ପଞ୍ଚାୟତ ରଘୁନାଥପୁର ଛକ ନିକଟ ଚାଷଜମିରେ ଥିବା ଏକ ଖୋଲା କୂଅରୁ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ ଜଣେ ଚାଷୀଙ୍କ ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି। ସେ ହେଲେ ପାଟପୁର ଗ୍ରାମ ନଛିବିଲ ସାହିର ସୁରେନ୍ଦ୍ର ସାହୁ।

ଗତ ବୁଧବାରରୁ ସୁରେନ୍ଦ୍ର ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳିନଥିଲା। ସକାଳେ ଗ୍ରାମର କେତେକ ଚାଷୀ ଜମିକୁ ଯାଉଥିବା ବେଳେ କୂଅରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଦିଗପହଣ୍ଡି ଦମକଳବାହିନୀକୁ ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଚାଷ କାମ ତଦାରଖ ପାଇଁ ସୁରେନ୍ଦ୍ର ତାଙ୍କ ଚାଷ ଜମିକୁ ଯାଇଥିଲେ। ଧାନତଳି ଘରା ବୁଲି ଦେଖିବା ସମୟରେ ଅସାବଧାନତା କାରଣରୁ କୂଅକୁ ଖସି ପଡ଼ିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନଂ. ୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ, ୨ ଆହତ



ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରୁଛନ୍ତି।

ହିଞ୍ଜିଳିକାଟୁ, ୧୨।୭(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଥାନା ତୋଟାସାହି ଅନ୍ତର୍ଯ୍ୟାମୀ ମୁନିଙ୍କ ରୋଷେଇ ଘରେ ଶୁକ୍ରବାର ପୂର୍ବାହ୍ନରେ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନ୍ତର୍ଯ୍ୟାମୀଙ୍କ ସ୍ତ୍ରୀ ସୁକାନ୍ତି ଓ ମିଠା କାରିଗର ରବୀନ୍ଦ୍ର ଦାଶ ଆହତ ହୋଇଛନ୍ତି। ଘରର ବହୁ ଗୁରୁତ୍ୱପୂର୍ଣ୍ଣ ଆସବାବପତ୍ର ମଧ ଜଳିଯାଇଛି। ସାହି ବାସିନ୍ଦା ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ତିର୍ଯ୍ୟାମୀ ଝିଅକୁ ମିଠା ଦେବା ପାଇଁ କାରିଗରଙ୍କୁ ଘରକୁ ଡକାଯାଇଥିଲା। କାରିଗର ମିଠା ପ୍ରସ୍ତୁତ କରୁଥିବା ବେଳେ କୌଣସି କାରଣରୁ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା।

## ସରପଞ୍ଚଙ୍କ ବିରୋଧରେ ପୁଣି ଏକ ମାମଲା

# ଠାକୁର ଘରୁ ମିଳିଥିଲା ଗୁଳିଭର୍ତ୍ତି ବନ୍ଧୁକ

ଦିଗପହଣ୍ଡି,୧୨।୭(ଡି.ଏନ.ଏ.) ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ସରପଞ୍ଚ ଉଷାନ୍ତ କୁମାର ସାହୁଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଦିଗପହଣ୍ଡି ପୋଲିସ ତାଙ୍କ ନାଁରେ ଆଉ ଏକ ମାମଲା ରୁଜୁ କରିଛି। ଭିଜିଲାନ୍ସ ଇନ୍ସପେକ୍ଟର କୁମୁଦିନୀ ସାହୁଙ୍କ ଏତଲାକ୍ରମେ ନଂ. ୧୨୧/୧୯ ଅନୁଯାୟୀ ବେଆଇନ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଆଇନର ଧାରା-୨୫ (୧) (ବି)ରେ ସରପଞ୍ଚଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି। ବୁଧବାର ଦିଗହପଣ୍ଡି ନିଳାଦ୍ରୀବିହାରସ୍ଥିତ ସରପଞ୍ଚଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ତାଙ୍କ ଠାକୁର ଘରୁ ଏକ ବନ୍ଧୁକ ଓ ୬ ରାଉଣ୍ଡ ଗୁଳି ସମେତ ୧ କୋଟି ୪୯ ଲକ୍ଷ ୪ ହଜାର ୫୪୩ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଥିଲା। ଭିଜିଲାନ୍ସ ମାମଲା ନଂ. ୧୬/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ସରପଞ୍ଚଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ମାମଲାର ତଦନ୍ତ ପାଇଁ ଆବଶ୍ୟକ ହେଲେ ସରପଞ୍ଚଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଆଇଆଇସି କହିଛନ୍ତି।

# ବାଇକ୍, ଟଙ୍କା ଲୁଟ୍ ଘଟଣା: ୩ କୋର୍ଟ ଚାଲାଣ




ଗିରଫ ୩ ଅଭିଯୁକ୍ତ।

ଛତ୍ରପୁର,୧୨।୭(ଡି.ଏନ.ଏ)

ବାଇକ୍ ଓ ଟଙ୍କା ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳର ରାଜ କୁମାର ସେଠୀ, ସଦର ଥାନା ଅଧୀନ କୁମ୍ଭାର ସାହିର ସୁରଜ ପରିଡା ଓ ପଶ୍ଚିମବଙ୍ଗ ଅଞ୍ଚଳର ଏମ୍. ଡି. ଅରମାନ୍। ଏମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନାଁରେ ପୂର୍ବରୁ ବ୍ରହ୍ମପୁର ବଡବଜାର, ସଦର, ଗୋଳନ୍ଥରା ଓ ଟାଉନ ଥାନାରେ ଏକାଧିକ ମାମଲା ରହିଛି। ୫ ତାରିଖ ଭୋରରେ ବ୍ରହ୍ମପୁର ବଡ ବଜାର ଥାନା ଅଧୀନ ନୃସିଂହ ମନ୍ଦିର ରୋଡ୍‌ରେ ଥିବା ବିଶ୍ୱନାଥ ଆଚାର୍ଯ୍ୟ ଘର ବାହାରେ ଥିବା ବାଇକ୍‌କୁ ଅଭିଯୁକ୍ତମାନେ ଚୋରି କରି ଆଣିଥିଲେ। ପରେ ଏମାନେ ଛତ୍ରପୁର ଥାନା ଅଧୀନ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଉଜ୍ଜଳେଶ୍ୱରୀ ମନ୍ଦିର ନିକଟରେ ବାଇକରେ ଆସୁଥିବା ବିପୁଳିଙ୍ଗିର ତଥା ଲକ୍ଷ୍ମୀପୁର ପୋଷ୍ଟ ଅଫିସର ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ଶାନ୍ତନୁ କୁମାର ସେଠୀଙ୍କୁ ଅଟକାଇ ମାଡ ମାରି ୧ ହଜାର ଟଙ୍କା ଓ ଡ୍ରାଇଭିଂ ଲାଇସେନ୍ସ ନେଇ ଚମ୍ପଟ ମାରିଥିଲେ। ଏ ନେଇ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ସେଠୀ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଛି।

# ୭ ଶାଳଗଣ୍ଡି ଜବତ, ୨ ଗିରଫ



ଜବତ କାଠଗଣ୍ଡି ସହ ଗିରଫ ଦୁଇ ଅଭିଯୁକ୍ତ।

ଜଗନ୍ନାଥପ୍ରସାଦ,୧୨।୭(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧୀନ ବେଲଗୁଣ୍ଠା ସେକ୍ସନ କୁରୁଡାଇ ବିଟ ହାଉସ ନୂଆ ବାଙ୍କତରା ଜଙ୍ଗଲ ରାସ୍ତାରେ ଗୁରୁବାର ରାତିରେ କାଠ ଚାଲାଣ ବେଳେ ୨ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ପାଟରାପଲ୍ଲୀ ଗାଁର ବାବୁଲି ବେହେରା ଓ ବାଘୁଆବଞ୍ଜର ଅଶୋକ କୁମାର ନାଇକ। ତାଙ୍କଠାରୁ ଏକ ଟ୍ରାକ୍ଟର ସହ ୭ ଖଣ୍ଡ ଶାଳଗଣ୍ଡି ଜବତ ହୋଇଛି। ବନାଞ୍ଚଳ ଅଧିକାରୀ ଉମାକାନ୍ତ ଦାସଙ୍କ ସୂଚନା ପ୍ରକାରେ, ପୂର୍ବରୁ କୁରୁଡାଇ ଅଞ୍ଚଳରୁ ମୂଲ୍ୟବନ କାଠ ମାଫିଆ ମାନେ ଚୋରି କରି ରାତାରାତି ବାହାରକୁ ଚାଲାଣ କରୁଥିବା ଖବର ଥିଲା। ଗୁରୁବାର ରାତିରେ ରେଞ୍ଜରଙ୍କ ନିର୍ଦ୍ଦେଶରେ ବନପାଳ ରାମେଶ୍ୱରୀ ସାହୁ, ଜଗନ୍ନାଥପ୍ରସାଦର ଇ.ଗଣେଶ, ବନରକ୍ଷୀ ସୁକାନ୍ତି ସାବତ ଓ ପାରା ସ୍କ୍ୱାଡ ଦଳ କୁରୁଡାଇ ବେଲଗୁଣ୍ଠା ରାସ୍ତାରେ ଜଗି ରହିଥିଲେ। ରାତି ୯ଟାରେ ଏକ ଟ୍ରାକ୍ଟରରେ ଶାଳ ଗଣ୍ଡି ଆଣୁଥିବା ବେଳେ ବନ ବିଭାଗ ବାବୁଲି ଓ ଅଶୋକଙ୍କୁ ଗିରଫ କରିଥିଲା। ପରେ ଟ୍ରାକ୍ଟର ଓ କାଠ ଗଣ୍ଡି ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଜଗନ୍ନାଥପ୍ରସାଦ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା। ତଦନ୍ତ ବେଳେ ଉକ୍ତ କାଠ ଗଣ୍ଡି ଗୁଡିକ ନୂଆ ବାଙ୍କତରା ଗ୍ରାମରୁ କୁରୁଡାଇ ଚାଲାଣ ହେଉଥିବା ସେମାନେ ମାନିଥିଲେ। ଏ ନେଇ ନଂ. ୧୧୪/୧୯ରେ ମାମଲା ରୁଜୁ ହୋଇଛି। ଟ୍ରାକ୍ଟର ଉପରେ ୫୬ ଧାରା ଲଗାଇବା ସହ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦାସଙ୍କ କହିଛନ୍ତି।

## ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ ଦିଗପହଣ୍ଡି ଗସ୍ତ

ଦିଗପହଣ୍ଡି,୧୨।୭(ଡି.ଏନ.ଏ.)

ବ୍ରହ୍ମପୁର ଜିଲା ଦୌରାଜଜ ବିଭୁ ପ୍ରସାଦ ରାଉତରାୟ ଗୁରୁବାର ପୂର୍ବାହ୍ନରେ ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ପହଞ୍ଚି ସମୀକ୍ଷା କରିଥିଲେ। ଦିଗପହଣ୍ଡି ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟଙ୍କ ସମେତ ସମସ୍ତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ୩ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଜଜ୍ କୋର୍ଟ କାର୍ଯ୍ୟାଳୟର ବିଭିନ୍ନ ମକଦ୍ଦମା ସମ୍ବନ୍ଧିତ ରେକର୍ଡପତ୍ର ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ସଦସ୍ୟଙ୍କ ଆମନ୍ତ୍ରଣ କ୍ରମେ ଜିଲା ଜଜ୍ ସଂଘର ସ୍ଥାୟୀ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ